# ରାଣୀବଗିଚାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼,୧୬ ।୨(ସମିସ):** ଟାଉନ ଥାନା ଅନ୍ତର୍ଗତ ରାଣୀବଗିଚା ଅଞ୍ଚଳରୁ ପୁଲିସ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଜଣକ ତିଲିଆ ଗ୍ରାମର ମଳୟ ସାଏ (୬୦) ବୋଲି ପୁଲିସ ଚିହ୍ନଟ କରିଛି । ଶୁକ୍ରବାର ସକାଳେ ସେ ଜୁନାସ ବାଡ଼ାଙ୍କ ଘର ଗେଟ ସମ୍ମୁଖରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତାଙ୍କ ଦେହରେ କୌଣସି କ୍ଷତଚିହ୍ନ ନାହିଁ । ଏଣୁ ତାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡ଼ି ନାହିଁ । ନରଦୀପ ସିଂଙ୍କ ଅଭିଯୋଗ କ୍ରମେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ବସ୍ ଟିକଟ ବିକ୍ରେତାଙ୍କ ପରଲୋକ

**ରାଉରକେଲା,୧୬ ।୨(ସମିସ):** ସ୍ଥାନୀୟ ସେକ୍ଟର-୨ ବସଷ୍ଟାଣ୍ଡରେ ଥିବା ସିଟୁ ବସ ଟିକେଟ କାଉଣ୍ଟରର ଜଣାଶୁଣା ଟିକଟ ବିକ୍ରେତା ରାଜୀବ କୁମାର କରଣଙ୍କ ହୃଦଘାତରେ ପରଲୋକ ହୋଇଛି । ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା । ସବୁଦିନ ଭଳି ରାଜୀବ କାଉଣ୍ଟରରେ ବସି ଟିକଟ କାଟୁଥିଲେ । ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ ତାଙ୍କୁ ରାଜସ୍ଥାନ ସେବା ସଦନ ଓ ପରେ ଆରଜିଏଚ ନିଆଯାଇଥିଲା । ସେଠାରେ ତାଙ୍କୁ ହୃଦଘାତ ହୋଇଥିବା ଜଣାପଡ଼ିଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସିଟୁର ବରିଷ୍ଠ ନେତା ବିଷ୍ଣୁ ମହାନ୍ତି, ବିମାନ ମାଇତି, ଅକ୍ଷୟ ମାହାତୋ, ରାଜକିଶୋର ପ୍ରଧାନ, ଅରୁଣ ମହାରଣା, ବସନ୍ତ ନାୟକ, ସୁମନ୍ତ ବେହୁରା, ସୁରେନ୍ଦ୍ର ଦାଶ, ସଭାପତି ମୀନକେତନ ରାଉତ, ବିଭିନ୍ନ ଟିକେଟ କାଉଣ୍ଟରର ଦେବେନ୍ଦ୍ର ପରିଜା, ତିରୁପତି ଦୋରା, ସୁଶାନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଅଜୟ ଦାସ, ଓସ୍କାର କୁଜୁର, ବିକ୍ରମ ସାହୁ, ପ୍ରଶାନ୍ତ ପଣ୍ଡା, ଉମେଶ ଶରଣ, ଗଗନ ଶତପଥୀ, ଅଜୟ କୁମାର ପରିଡ଼ା, ପ୍ରଦୀପ ବଳ, ଶାନ୍ତନୁ ଦାସ, କିରଣ ମହାନ୍ତି ପ୍ରମୁଖ ଶେଷ ଦର୍ଶନ କରିଥିଲେ । ରାଜୀବ ବାରିପଦାର ମୂଳ ବାସିନ୍ଦା ହୋଇଥିବା ବେଳେ ସ୍ଥାନୀୟ ବାସନ୍ତୀ କଲୋନୀରେ ରହୁଥିଲେ । ପରିବାରରେ ତାଙ୍କ ସ୍ତ୍ରୀ ଓ ଏକମାତ୍ର ପୁଅ ଓ ବୃଦ୍ଧ ପିତାମାତା ଅଛନ୍ତି । ବାରିପଦାରୁ ବଡ଼ଭାଇ ରଜତ କୁମାର କରଣ, ଗୋପୀ ବଲ୍ଲଭ ପଲେଇ, ବିକାଶ ଚନ୍ଦ୍ର ମହାପାତ୍ର ଓ ବସ୍ ମାଲିକ ଦୀପକ ଦାସ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ପରେ ବେଦବ୍ୟାସ ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି ।



ଫାଇଲ ଫଟୋ

## ■ ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪

# ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଏବଂ ସିଆଇଟି ଦଳ ବିଜୟୀ

**ରାଉରକେଲା,୧୬ ।୨(ସମିସ):** ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪ର ଦ୍ୱିତୀୟ ଦିନରେ ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଏବଂ ସିଆଇଟି ଦଳ ବିଜୟୀ ହୋଇଛନ୍ତି । ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଖେଳାଯାଉଛି । ପ୍ରଥମ ମ୍ୟାଚରେ ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳ ପ୍ଲେଟ ମିଲ, ନୂତନ ପ୍ଲେଟ ମିଲ ଓ ଏସପିପି (ପିଏମ, ଏନପିଏମ ଓ ଏସପିପି) ଦଳକୁ ୮ ୱିକେଟ୍‌ରେ ପରାସ୍ତ କରିଥିଲା । ଟସ୍ ଜିତି ବୋଲିଂ ଚୟନ କରି ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳ, ପିଏମ, ଏନପିଏମ ଓ ଏସପିପି ଦଳକୁ ନିର୍ଦ୍ଧାରିତ ୧୫ ଓଭରରେ ୮୧ ରନରେ ସୀମିତ ରଖିଥିଲା । ଅଧିନାୟକ ପ୍ରଫୁଲ୍ଲଙ୍କ ଚିତ୍ତାକର୍ଷକ ୪୬ ରନ ସହାୟତାରେ ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା । ଇଲେକ୍ଟ୍ରିକାଲ ଆଣ୍ଡ ପାୱାର ଦଳର ବିକାଶ କୁମାର ବିଶ୍ୱାଳ (୪ ୱିକେଟ ସହ ୨୧ ରନ୍)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ ଟି ଆଣ୍ଡ ଆରଏମ ଓ ସି ଆଣ୍ଡ ଆଇଟିକୁ ନେଇ ଗଠିତ ଦଳ ଏମଏମ, ଅର୍ଥ ଓ ପି ଆଣ୍ଡ ଏ ଦଳକୁ ୯ ରନରେ ପରାସ୍ତ କରିଥିଲା । ଟି ଆଣ୍ଡ ଆରଏମ ଓ ସି ଆଣ୍ଡ ଆଇଟି ଦଳ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍ ହରାଇ ୯୪ ରନ ସ୍କୋର କରିଥିଲା । ଏହାର ଜବାବରେ ଏମଏମ, ଅର୍ଥ ଓ ପି ଆଣ୍ଡ ଏ ଦଳ ୬ ୱିକେଟ୍ ହରାଇ ୮୫ ରନ ସଂଗ୍ରହ କରିଥିଲା । ମହମ୍ମଦ ଏଫ ଆବାସିକ ୩୧ ରନ ସ୍କୋର କରିବା ସହ ୩ ୱିକେଟ ନେଇଥିବାରୁ ତାଙ୍କୁ ଅଲରାଉଣ୍ଡ ପ୍ରଦର୍ଶନ ନିମନ୍ତେ ମ୍ୟାଚ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା ।

# ପୁରୁଣା ଗାଡ଼ି କାରବାର ନେଇ ଯୁବକଙ୍କୁ ହତ୍ୟା: ୨ ଅଟକ

**ରାଉରକେଲା,୧୬ ।୨(ସମିସ)**



ଜଣେ ଯୁବକଙ୍କୁ ଛୁରୀରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଝିରପାଣି ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ପୁଲିସ ସୂଚନା ମୁତାବକ, ବରଟୋଲି ଅଞ୍ଚଳର ନିହାର ରଞ୍ଜନ ଆଚାର୍ଯ୍ୟ ଓରଫ ଟୁଟୁ (୪୫) ଓ ତାଙ୍କ ଦୁଇ ସାଙ୍ଗ କେବଲ୍ ସିଂ (୫୭), ଅଶୋକ କୁମାର ବିହାରୀ ସେକ୍ଟର-୨୦ ମାଛ ମର୍କେଟ ଆସିଥିଲେ । ଅପରାହ୍ନ ପ୍ରାୟ ୫ଟାରେ ତିନିଜଣ ମିଶି ସେଠାରେ ମଦ୍ୟପାନ କରିଥିଲେ । ତେବେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ କେବଲ ନିଜ ଚାବି ରିଂ ଛୁରୀ ସାହାଯ୍ୟରେ ଟୁଟୁଙ୍କ ତଳିପେଟ, ଛାତିରେ ମରଣାନ୍ତକ ଆକ୍ରମଣ କରିଥିଲା । ଏପରିକି ତାଙ୍କ ଗୁପ୍ତାଙ୍ଗକୁ ମଧ୍ୟ କାଟି ଦେଇଥିଲା । ଫଳରେ ଟୁଟୁ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି କେବଲ୍ ଓ ଆଶୋକଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ତେବେ ଟୁଟୁ ପୁରୁଣା ଗାଡ଼ି କିଣାବିକା କାରବାର କରୁଥିଲେ । ଏହି କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅପରପକ୍ଷେ ଜମି ଦଲାଲି ଘଟଣାକୁ ନେଇ କୁଆଡ଼େ ଉଭୟଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ତଦନ୍ତ ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ କହିଛି ।

## ● ଜାତୀୟ ସୁରକ୍ଷା ମାସ ପାଳନ

# ଆରଏସପିରେ ସଡ଼କ ସୁରକ୍ଷା ଅଭିଯାନ

**ରାଉରକେଲା,୧୬ ।୨(ସମିସ):** ଜାନୁଆରୀ ୧୫ରୁ ଫେବୃଆରୀ ୧୪ ପର୍ଯ୍ୟନ୍ତ ପାଳିତ ହୋଇଥିବା ଜାତୀୟ ସୁରକ୍ଷା ମାସ ଉପଲକ୍ଷେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ସଚେତାନତା ସୃଷ୍ଟି ପାଇଁ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅଭିଯାନରେ ବିଭିନ୍ନ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ । କାରଖାନାର ସଂସ୍କାର ଗେଟ ନିକଟରେ ଫେବୃଆରୀ ୧୨ ତାରିଖ ଆୟୋଜିତ ଏହି ଅଭିଯାନରେ ଅକ୍ସିଜେନ ପ୍ଲାଣ୍ଟ ଏବଂ ଶକ୍ତି ପରିଚାଳନା ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଛକ ତଥା ରାସ୍ତା ପାର୍ଶ୍ୱରେ ସେମାନେ ମାନବଶୃଙ୍ଖଳ ପ୍ରସ୍ତୁତ କରିଥିଲେ । ଏଥିରେ ଅକ୍ସିଜେନ ପ୍ଲାଣ୍ଟ ବିଭାଗ ଜିଏମ ଇନ ଚାର୍ଜ ଆରକେ ସାହା ନେତୃତ୍ୱ ନେଇଥିଲେ । ସୁରକ୍ଷା ବିଭାଗ ଜିଏମ ଇନ ଚାର୍ଜ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ ଅବକାଶ ବେହେରାଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଦୀପକ କୁମାର ସେଠୀ ଓ ରଶ୍ମିରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ଆରଏସପିର ୩ ଅଧିକାରୀଙ୍କୁ 'ସାବାସ' ପୁରସ୍କାର

**ରାଉରକେଲା,୧୬ ।୨(ସମିସ):** ଆର୍‌ଏସ୍‌ପି ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ତିନି ଅଧିକାରୀଙ୍କୁ ଇଲେକ୍ଟ୍ରିକାଲ ଓ ପାୱାର ବିଭାଗ ସିଜିଏମ ଇନ ଚାର୍ଜଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ସାବାସ' ପୁରସ୍କାର ପ୍ରଦାନ କରାଯାଇଛି । ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ବିଭାଗ ସିଜିଏମ୍ ଇନ୍-ଚାର୍ଜ ବିଏସ୍ କାର୍ଥା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ । ସିଇଡି ବିଭାଗ ଜିଏମ୍ ସୁମିତା ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।

କର୍ମଚାରୀମାନଙ୍କୁ ସମ୍ପୃକ୍ତ ବିଭାଗରେ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି । ସିଜିଏମ୍ ଇନ୍ ଚାର୍ଜ କାର୍ଥା କର୍ମଚାରୀଙ୍କ ଉଦ୍ୟମର ପ୍ରଶଂସା କରିବା ସହ ଏଭଳି ଅଭିନବ ପ୍ରୟାସର ଅନୁକରଣ କରିବାକୁ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ପୁରସ୍କାର ବିଜେତା ଅଧିକାରୀମାନେ ହେଉଛନ୍ତି ସିଇଡି ବିଭାଗ ଏଜିଏମ ଚିତ୍ତରଞ୍ଜନ ଶତପଥୀ, ବିଖ୍ୟାତ ବିଷାରଦ ପଟେଲ ଏବଂ ମାନସ କୁମାର ସାହୁ । ବୈଧାନିକ ଆବଶ୍ୟକତା ଅନୁଯାୟୀ ଆରଏସପିରେ ପରିଚାଳିତ ଭିଏଚଏଫ/ୟୁଏଚଏଫ ଲାଇସେନ୍ସକୁ ନୂତନ ସରଳ ସଞ୍ଚାର ନେଟୱର୍କରେ ଏକୀକରଣ ପାଇଁ ଡବ୍ଲ୍ୟୁପିସି ଡିଓଟି ସହିତ ସମନ୍ୱୟ ରକ୍ଷା ତଥା ଏହାର ଅନଲାଇନ ସ୍ଥାନାନ୍ତରଣ (ଇନହାଉସ୍)ର ସଫଳ ସମ୍ପାଦନା ପାଇଁ ଚିତ୍ତରଞ୍ଜନଙ୍କୁ ପୁରସ୍କୃତ କରାଯାଇଥିଲା । ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ଭାବରେ ରେଳ ସଡ଼କ କ୍ରସଓଭରରେ ପ୍ଲାଣ୍ଟ ଭିତରେ ଥିବା ୩୨ଟି ସ୍ଥାନରେ ଅଡିଓ ଆଲାର୍ମ ସିଷ୍ଟମର ସଫଳ ସ୍ଥାପନ ଏବଂ କମିଶନ ପାଇଁ ବିଖ୍ୟାତ ବିଷାରଦଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାଥମିକ ଇନକମିଂ ସଂଯୋଗରେ ତ୍ରୁଟି ହେତୁ ଟାଉନସିପ୍ ସେକ୍ଟର-୨୦ ବି ବ୍ଲକ୍ ଅଞ୍ଚଳରେ ଇଣ୍ଟରକମ୍ ସମ୍ମିଳନୀ ସେବାର ସଫଳ ପୁନରୁଦ୍ଧାର ପାଇଁ ମାନସଙ୍କୁ ପୁରସ୍କୃତ କରାଯାଇଥିଲା । ସିଜିଏମ୍ (ଇଲେକ୍ଟ୍ରିକାଲ୍) ଏବଂ ପାୱାର୍ କାର୍ଯ୍ୟାଳୟର ସିନିୟର ମ୍ୟାନେଜର ବିକିଲ ଡି ମାଲଭେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



# ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ୨ ଗିରଫ

## ବାଳସୁଧାର ଗୃହ ଗଲେ ଦୁଇ ନାବାଳକ

**ରାଉରକେଲା,୧୬ ।୨(ସମିସ):** ବିଶ୍ରା ଥାନା ଅଞ୍ଚଳରେ ୭ ଦିନ ତଳେ ସଂଘଟିତ ଚାଞ୍ଚଲ୍ୟକର ଗଣଦୁଷ୍କର୍ମ ଘଟଣାରେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୨ ନାବାଳକ ଅଭିଯୁକ୍ତଙ୍କୁ ବାଳସୁଧାର ଗୃହ ପଠାଇ ଦିଆଯାଇଛି ।

ରାଜଗାଙ୍ଗପୁର ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ଯୁବତୀଙ୍କ ସହ ଇନଷ୍ଟାଗ୍ରାମ ମାଧ୍ୟମରେ ବିଶ୍ରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା । ୯ ତାରିଖ ଯୁବକ ଜଣକ ଯୁବତୀଙ୍କୁ ବିଶ୍ରା ଅଞ୍ଚଳକୁ ଡକାଇଥିଲେ । ଯୁବତୀ ବସରେ ଆସି ପହଞ୍ଚିବା ପରେ ଯୁବକ ତାଙ୍କୁ ବାଇକରେ ତେତେରକେଲା ନିକଟ ଏକ ନିକାଞ୍ଚନ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲେ । ପରେ ଯୁବକ ତାଙ୍କର ଆଉ ତିନି ସାଙ୍ଗଙ୍କୁ ଡାକିଥିଲେ । ସେମାନେ ମଧ୍ୟ ଜୋରଜବରଦସ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ପରେ ବାଇକରେ ଆଣି ଅନ୍ୟ ଏକ ସ୍ଥାନରେ ଛାଡ଼ି ଦେଇଥିଲେ । ଯୁବତୀ ଜଣକ ତାଙ୍କ ମାମୁଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା । ଶୁକ୍ରବାର ରାଉରକେଲା ଜୋନ-୨ରେ ନୂତନ ଭାବେ ଯୋଗ ଦେଇଥିବା ଡିଏସପି ନିର୍ମଳ କୁମାର ମହାପାତ୍ର ବିଶ୍ରାରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ଏହି ମାମଲାରେ ୨ଜଣଙ୍କୁ ଗିରଫ କରିଥିବା ବେଳେ ଦୁଇ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ବାଳସୁଧାର ଗୃହ ପଠାଇଛି ।




# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା



**ସୁନ୍ଦରଗଡ଼, ୧୬ ।୨(ସମିସ):** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଟାଙ୍ଗରପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝୀ, ସରପଞ୍ଚ କିଶୋର ମାଝୀ, ସମିତି ସଭ୍ୟା ଜାହ୍ନବୀ ନାଏକ, ନିର୍ବାହୀ ଅଧିକାରୀ ହିମାଂଶୁ ବାଗ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଲୋକଙ୍କ ସୁବିଧାପାଇଁ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା, ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟଗୁଡ଼ିକର



ରୂପାନ୍ତରଣ, ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମି ବିକାଶ, ଧାର୍ମିକସ୍ଥଳୀଗୁଡ଼ିକର ବିକାଶ, କ୍ରୀଡ଼ା ଭିତ୍ତିଭୂମି ବିକାଶ, ଐତିହସ୍ଥଳୀଗୁଡ଼ିକର ବିକାଶ, ସୁଗମ ପରିବହନ ବ୍ୟବସ୍ଥା ଉପରେ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉଥିବା ସୂଚନା ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବି ଲୋକଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

# ଭାରୀଯାନ ଧକ୍କାରେ ଯୁବକ ମୃତ

**ସୁନ୍ଦରଗଡ଼, ୧୬ ।୨(ସମିସ):** ବାଙ୍କିବାହାଲ ଟପରିଆ ମୁଖ୍ୟ ରାସ୍ତାର ହେମଗିରି ଥାନା ଅନ୍ତର୍ଗତ ବେଲଢିପା ଛକରେ ଭାରୀଯାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତିଶଗଡ଼ ରାୟଗଡ଼ ଜିଲ୍ଲା ତମନାର ଗୁଡ଼ି ଗାଁର କହ୍ନେୟା ସିଦାର (୩୦)। କହ୍ନେୟା କୈଳାସ ମାଝିଙ୍କ ସହ ବିଲେଇମୁଣ୍ଡାରୁ ତମନାର ପଟେ ବାଇକ ଯୋଗେ ଯାଉଥିବା ବେଳେ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ କହ୍ନେୟାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ଭାରୀଯାନ କଟକଣାରେ ଲାଗିଲା ପ୍ରଶାସନିକ ମୋହର

**ସୁନ୍ଦରଗଡ଼, ୧୬ ।୨(ସମିସ)**

ଭଷ୍ମା-ବଡ଼ବଙ୍ଗା ରାସ୍ତାରେ ଭାରୀଯାନ କଟକଣାରେ ପ୍ରଶାସନିକ ମୋହର ଲାଗିଛି। ସ୍ଥାନୀୟ ସଦଭାବନା ଭବନରେ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ରାସ୍ତାରେ କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ସମସ୍ତ ଛକରେ ଆଲୋକୀକରଣ ବ୍ୟବସ୍ଥା, ସ୍କୁଲ, କଲେଜ, ଡାକ୍ତରଖାନା, ଗାଁ ବସ୍ତି ନିକଟରେ ଧୀର ଗତିରେ ଗାଡ଼ି ଚାଳନା, ଜମି ବିବାଦରୁ ନିର୍ମାଣ ହୋଇପାରୁ ନ ଥିବା ରାସ୍ତା କାମ ସମ୍ପୂର୍ଣ୍ଣ କରିବା ଦିଗରେ ତୁରନ୍ତ ପଦକ୍ଷେପ, ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି ଯାଞ୍ଚ ଆଦି ନିଷ୍ପତ୍ତି ହୋଇଛି। ଟାଙ୍ଗରପାଲି ତହସିଲଦାର ରାଜୀବ ହାଂସଦା, ଲେଫ୍ରିପଡ଼ା ତହସିଲଦାର ପ୍ରତିମା ପିଙ୍ଗ, ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରାଙ୍କ ସମେତ ରେମଣ୍ଡା, ମଙ୍ଗସପୁର, ଯୋଗିମାଲ, ନିଆଳପାଲି, ବଡ଼ବଙ୍ଗାର ପଞ୍ଚାୟତିରାଜ ପ୍ରତିନିଧି, ଦର୍ଲିପାଲି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କମିଟି କର୍ମକର୍ତ୍ତା, ଦର୍ଲିପାଲି ଏନଟିପିସି, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଟ୍ରକ ମାଲିକ ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି




ନିଷ୍ପତ୍ତି ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅଶ୍ୱସ୍ତି ପ୍ରକାଶ ପାଇଛି। ମାତ୍ର ଅତୀତରେ, ଉପ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକାଧିକ ବୈଠକରେ ଦିଆଯାଇଥିବା ପ୍ରତିଶ୍ରୁତି ପାଳିତ ହୋଇ ନ ଥିବାରୁ ଏହି ନିଷ୍ପତ୍ତି ବଳବତ୍ତର ରହିବା ନେଇ ଆଶଙ୍କା ଦେଖାଦେଇଛି।

ଅତୀତରେ ଏହି ରାସ୍ତାରେ ଭାରୀଯାନ ଚଳାଚଳ ବନ୍ଦ ଦାବିରେ ମୁଣ୍ଡାଗାଁ ମୁରିଆଁ ଘାଟି ନିକଟରେ ରାସ୍ତା ଅବରୋଧ ପରେ ରାସ୍ତାର ଯୋଗିମାଲ କଲେଜ, ଉଚ୍ଚ ବିଦ୍ୟାଳୟ ଏବଂ ଶର୍ଦ୍ଧାପାଲି ବସ୍ତି ନିକଟରେ ସ୍ପିଡ୍ ବ୍ରେକର ଲଗାଯାଇଥିଲା। ତେବେ ମାସକ ପରେ ଉକ୍ତ ସ୍ପିଡ ବ୍ରେକର ସବୁ ଉଭାନ ହୋଇଥିଲା। ସେହିପରି ଉପ ଜିଲ୍ଲାପାଳଙ୍କ ଦ୍ୱାରା ଆୟୋଜିତ ଏକାଧିକ ବୈଠକରେ ଗ୍ରହଣ ହୋଇଥିବା ଅନ୍ୟ ନିଷ୍ପତ୍ତିଗୁଡ଼ିକ ମଧ୍ୟ କାର୍ଯ୍ୟକାରୀ ହୋଇ ନ ଥିଲା। ତେବେ ଭାରୀଯାନ ଧକ୍କାରେ ଜଣେ କଲେଜ କର୍ମଚାରୀଙ୍କ ମୃତ୍ୟୁ ପରେ ଗତ ୭ ତାରିଖ ଗୁଲଠା ଛକରେ ହୋଇଥିବା ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ ପରେ ସଦର ଏସଡିପିଓ ହିମାଂଶୁ ଭୂଷଣ ବେହେରା ଭାରୀଯାନ ଚଳଚଳ ବନ୍ଦ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିଦିନରୁ ଭାରୀଯାନ ଚଳାଚଳ ବନ୍ଦ ରହିଛି। ଭଷ୍ମା ଛକରେ ପୁଲିସ ଜଗି ରହିଛି। ଇତିମଧ୍ୟରେ କୌଣସି ମତେ ଉକ୍ତ ରାସ୍ତାରେ ପ୍ରବେଶ କରିଥିବା କିଛି ଭାରୀଯାନ ଲୋକଙ୍କ ବିରୋଧ ଯୋଗୁଁ ଫେରି ଆସିଛି। ଅପରପକ୍ଷରେ ଉକ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାରୁ ଭାରୀଯାନ ଚଳଚଳ ବନ୍ଦ କରିବାର ବୈଧତାକୁ ନେଇ ଟ୍ରକ ମାଲିକମାନେ ପ୍ରଶ୍ନ ଉଠାଉଛନ୍ତି। ଭଷ୍ମା-ଅବନକେଲା ଇବ୍ ସେତୁ ନିର୍ମାଣ ହେବା ପରେ ଏହି ରାସ୍ତା ଲେଫ୍ରିପଡ଼ା, ଟାଙ୍ଗରପାଲି, ହେମଗିରି ଆଦି ବ୍ଲକ ଅଞ୍ଚଳ ସହ ରାଜପଥ-୧୦ର ସଂଯୋଗୀକରଣ ରାସ୍ତା ହୋଇଛି। ତେବେ ରାସ୍ତା ସମ୍ପୂର୍ଣ୍ଣ ବିକଶିତ ହୋଇପାରି ନ ଥିବା ବେଳେ ଜମି ବିବାଦ କାରଣରୁ ରେମଣ୍ଡା ଗ୍ରାମର ୨ଟି ସ୍ଥାନରେ ଅଦ୍ୟାବଧି ପିଚୁ ହୋଇପାରି ନାହିଁ। କୋଲ୍ କରିଡର ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏମସିଏଲରୁ ଝାରସୁଗୁଡ଼ା ପଟେ କୋଇଲା ନେଇ ଯାଉଥିବା ଗାଡ଼ିଗୁଡ଼ିକ ନିର୍ମାଣାଧୀନ ରାସ୍ତାରେ ବଡ଼ବଙ୍ଗା ପାଖ ଯାଏ ଆସି ଏହି ରାସ୍ତାରେ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲେ। ଏମସିଏଲ-ସୁନ୍ଦରଗଡ଼ ରାସ୍ତାରେ ଝାରସୁଗୁଡ଼ା ଅଭିମୁଖେ ଗଲେ ଅଧିକ ତେଲ ଖର୍ଚ୍ଚ ସହ ମସ୍କିକାନୀ ଟୋଲ ପ୍ଲାଜାରେ ଟାକ୍ସ ଦେବାକୁ ପଡୁଥିବାରୁ ଗାଡ଼ି ମାଲିକ ଓ ଚାଳକମାନେ ଏହି ରାସ୍ତାରେ ଯିବାକୁ ଶ୍ରେୟ ମଣୁଥିଲେ। ଦର୍ଲିପାଲି ଏନଟିପିସିର ପରିବହନ କାର୍ଯ୍ୟରେ ନିୟୋଜିତ ବହୁ ଭାରୀଯାନ ମଧ୍ୟ ଏହି ରାସ୍ତାରେ ଯାଉଥିଲେ।

## ସରସ୍ୱତୀ ପୂଜା ସାଙ୍ଗକୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



**ହେମଗିରି, ୧୬ ।୨(ସମିସ):** ହେମଗିରି ବ୍ଲକ କନକତୁରା ପଞ୍ଚାୟତ ବିହାଯୋରଠାରେ ମା' ସରସ୍ୱତୀଙ୍କ ପୂଜା ସହ ବିହାଯୋର ବସୁନ୍ଧରା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ୨୮ ତମ ସରସ୍ୱତୀ କପ୍ ଫୁଟବଲ୍ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଯୋଗଦେଇ ଖେଳାଳି ତଥା ଆୟୋଜକ ଅନୁଷ୍ଠାନ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଜେଡି ବ୍ଲକ ସଭାପତି ସୁକାନ୍ତ ପତି, ଯୁବ ସଭାପତି କଳାକାହ୍ନୁ ମେହେର, ପ୍ରକାଶ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ମିଞ୍ଜ ବ୍ରଦର୍ସ ଚାମ୍ପିଅନ ଓ ସମ୍ବଲପୁର ପ୍ରତୀକ ଇଲେଭେନ୍ ରନର୍ସଅପ୍ ହୋଇଛି। ଅତିଥିମାନେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

# ସୁନ୍ଦରଗଡ଼ ଜିଲ୍ଲାରେ ଦେଶବ୍ୟାପୀ ଧର୍ମଘଟର ପ୍ରଭାବ









**ସୁନ୍ଦରଗଡ଼, ୧୬ ।୨(ସମିସ)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକର ସଂଯୁକ୍ତ ମୋର୍ଚ୍ଚା, ସ୍ୱାଧୀନ କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଧର୍ମଘଟ ପାଳନ କରାଯାଇଛି। ଏହି ଧର୍ମଘଟରେ ସୁନ୍ଦରଗଡ଼ ଜିଲ୍ଲାର ଅନେକ ସଙ୍ଗଠନ ସାମିଲ ହୋଇଛନ୍ତି। ସେମାନେ ନିଜ କାର୍ଯ୍ୟ ବନ୍ଦ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କଠାରେ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି।

**ଟାଙ୍ଗରପାଲି:** ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏଆଇଟିୟୁସି ଅନୁବନ୍ଧିତ ଟାଙ୍ଗରପାଲି ବ୍ଲକସ୍ତରୀୟ ଆଶାକର୍ମୀ ସଂଘ, ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଓ ଅଙ୍ଗନବାଡ଼ି ସହାୟିକା ସଂଘ ପକ୍ଷରୁ ଧର୍ମଘଟ କରାଯାଇଛି। ଧର୍ମଘଟକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସମର୍ଥନ ଜଣାଇ ପାର୍ଟିର ସମସ୍ତ କ୍ୟାଡର ସାଥୀମାନେ ଯୋଗଦେଇଥିଲେ। ଏହିଅବସରରେ ବ୍ଲକକାର୍ଯ୍ୟାଳୟ ସମ୍ମୁଖ ସୁନ୍ଦରଗଡ଼-ବଲିଙ୍ଗା ରାସ୍ତା ଅବରୋଧ କରାଯାଇ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଏଆଇଟିୟୁସି କାର୍ଯ୍ୟକାରୀ ସଭାପତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ ଚାଷୀମାରଣ ନୀତି ବିରୋଧରେ ଗର୍ଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଓଡ଼ିଶା ପାଚିକା-ସହାୟିକା ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢ, କୃଷକ ନେତା ସୁନୀଲ ନାଏକ ଓ ସିପିଆଇ ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, ଆଶା କର୍ମୀ ସଂଘ ବ୍ଲକ ସଭାନେତ୍ରୀ ସନ୍ତୋଷିନୀ ପଣ୍ଡା ଓ ପାଚିକା-ସହାୟିକା ସଂଘ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୋଲାପୀ ବନଛୋର ପ୍ରମୁଖ ସରକାରଙ୍କ ବିଫଳତା ଓ ଗରିବମାରଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ। ପରେ ଆଶାକର୍ମୀ ସଂଘ ପକ୍ଷରୁ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଧର୍ମଘଟ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ କୋଇଲା ଗାଡ଼ି ଅଟକି ରହିଥିଲା। ଆନ୍ଦୋଳନରେ ଅନ୍ୟମାନଙ୍କ ସିପିଆଇ ଟାଙ୍ଗରପାଲି ଜୋନ ସହ ସମ୍ପାଦକ ଗୋପାଳ ସୋରେଙ୍ଗ, ତାରିଣୀସେନ ରଣା, ସୁଶାନ୍ତ ଓରାମ, ନୀଳମଣି ଭୋଇ, ଗୋପାଳ ଶର୍ମା, ଭୋଲାନାଥ ଭୋଏ, ପଙ୍କଜିନୀ ମାଝୀ, ସାବିତ୍ରୀ ପଟେଲ, ବ୍ରହ୍ମା କିଶାନ, ରାମେଶ୍ୱର ପଟେଲ, ମଳୟ ସା, ପ୍ରଶାନ୍ତ ଘାସି, ରବୀନ୍ଦ୍ର ବେହେରା, ରାଜେଶ ସିଂ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ବଡ଼ଗାଁ:** ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଏବଂ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସ୍କିମ ୱାର୍କରମାନଙ୍କୁ ଶ୍ରମିକ ମାନ୍ୟତା, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା ପ୍ରଦାନ, ସ୍କିମ ୱାର୍କର୍‌ଙ୍କୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି, କର୍ମଚାରୀ ରାଜ୍ୟ ବୀମା, ଗ୍ରାଚ୍ୟୁଟି ଓ ପେନସନ ବ୍ୟବସ୍ଥା, ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ଶ୍ରମିକ ଶ୍ରେଣୀ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ ପାଇଁ ଶ୍ରମ ବିଭାଗର ସକ୍ରିୟ ହସ୍ତକ୍ଷେପ ବ୍ୟବସ୍ଥା, ପ୍ରାକ୍ ବିଦ୍ୟାଳୟ ଓ ଶିକ୍ଷା ସଙ୍କୋଚନକାରୀ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର, ଦରଦାମ ନିୟନ୍ତ୍ରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ ଓ ରାଷ୍ଟ୍ରୀୟ ମୁଦ୍ରୀକରଣ ପାଇପ ଲାଇନ ପ୍ରତ୍ୟାହାର, କୃଷି ଉତ୍ପାଦନର ସହାୟକ ମୂଲ୍ୟ ପ୍ରଦାନ ପାଇଁ ଏମ୍‌ଏସପି କେନ୍ଦ୍ରୀୟ ଆଇନ ପ୍ରଣୟନ, ପୁରୁଣା ପେନସନ ଯୋଜନା ଲାଗୁ, ବେକାରୀ ସମସ୍ୟା ଦୂରୀକରଣ ଆଦି ଦାବି ରହିଛି। ଏଆଇଟିୟୁସି ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଜିଲ୍ଲା ସଭାପତି ମାତିଲଦା କୁଲୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ବଡ଼ଗାଁ ବ୍ଲକ ସଭାପତି ପଦ୍ମିନୀ କିଶାନ, ବ୍ଲକ ସମ୍ପାଦିକା ସୁସ୍ମିତା ବା, କୋଷାଧ୍ୟକ୍ଷ ଆଞ୍ଜେଲା ଭେଙ୍ଗରା, ମେରୀ କିଶୋରୀ ସାଙ୍ଗା, ମାରୀୟାମ କାଣ୍ଡୁଲନା ବିଦ୍ୟୁତପ୍ରଭା ବେହେରା, ତିଲୋତ୍ତମା ସାହୁ, ହାର୍ଷିତ କେରକେଟା,




ପାଚିକା ସହାୟିକା ସଂଘର ନୀଳାବତୀ ପୃଷେଠ, ନୀଲା କେରକେଟା, ଉର୍ମିଳା ମଙ୍ଗର ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଆଶାକର୍ମୀ ସାମିଲ ହୋଇଥିଲେ।

**ସୁନ୍ଦରଗଡ଼:** ସୁନ୍ଦରଗଡ଼ ସହରରେ ସୁନ୍ଦରଗଡ଼ ପୌରପାଳିକାର ଆଶାକର୍ମୀ ଏବଂ ଏମଡିଏମ ପାଚିକା ସହାୟିକାମାନେ ଧର୍ମଘଟ କରିଥିଲେ। ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଧର୍ମଘଟରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ସୁନ୍ଦରଗଡ଼ ପୌରାଞ୍ଚଳ ସଭାନେତ୍ରୀ ଟିକେଶ୍ୱରୀ ପାଣ୍ଡେ, ସମ୍ପାଦିକା ପଲ୍ଲବୀ ପଟେଲ, ରଞ୍ଜିତା ମାଝୀ, ରୋଜାଲିନା କେରକେଟା, ଦିଲେନ୍ଦ୍ରି ଗନ୍ଧା, ସୁମିତା ତନ୍ତୀ ସମେତ ପୌରାଞ୍ଚଳର ଆଶାକର୍ମୀ ଏବଂ ପାଚିକା ସହାୟିକାମାନେ ସାମିଲ ଥିଲେ।

**ହେମଗିରି:** ହେମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାଚିକା ସହାୟିକାମାନେ ଧାରଣା ଦେଇ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର କରିଛନ୍ତି। ଏହି ବ୍ଲକ ବିଲେଇମୁଣ୍ଡ ବସ୍ ଷ୍ଟାଣ୍ଡ ଛକ ନିକଟରେ ଅଞ୍ଚଳର ଆଶାକର୍ମୀ ଏବଂ ପାଚିକା ସହାୟିକାମାନେ ରାସ୍ତାରେ ଧାରଣା ଦେଇଥିଲେ। ଫଳରେ ଅନେକ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଆଶାକର୍ମୀ ପ୍ରେମାବତୀ ମାଝୀ, ଲକ୍ଷ୍ମୀ ନାରଙ୍ଗ, ସରସ୍ୱତୀ ସେଠ, ରୀନା ଗାର୍ଡିଆ, ଅମ୍ବିକା ସା, କୁମୁଦିନୀ ବିଶ୍ୱାଳଙ୍କ ସମେତ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ରାଜେନ୍ଦ୍ର ନାଏକ, ଶୁକଦେବ ପଧାନ ଏଥିରେ ସାମିଲ ହୋଇଥିଲେ।

**ବାଲିଶଙ୍କରା:** ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ବାଲିଶଙ୍କରା ବ୍ଲକ ସଭାପତି ସୁରେଖା ନାଗଙ୍କ ନେତୃତ୍ୱରେ ସର୍ବଭାରତୀୟ ଧର୍ମଘଟ ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ଆଶାକର୍ମୀ ଏବଂ ପାଚିକା ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସର୍ବଭାରତୀୟ ସ୍ତରରେ ସ୍କିମ କର୍ମଚାରୀଙ୍କ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ କିରାଣିଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ ଆଶାକର୍ମୀଙ୍କ ବିଭିନ୍ନ ସ୍ଥାନୀୟ ଦାବି ମଧ୍ୟ ଯଥା ଶୀଘ୍ର ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବା ପାଇଁ ଚେତାବନୀ ଦିଆଯାଇଛି। ଧର୍ମଘଟରେ ସମ୍ପାଦିକା ବିବିୟାନା ଡୁଙ୍ଗଡୁଙ୍ଗ, ସୁନୀତା ଖିଲାର, ଉର୍ମିଳା ମିଞ୍ଜ, ବିଶାଖା କିଶାନ, ଶୈଳ କିସପଟା, ପାଚିକା-ସହାୟିକା ସଂଘ ବ୍ଲକ ସଭାପତି ବାସନ୍ତୀ ଦେଇ, ସମ୍ପାଦିକା ସୁନୀତା ସାହୁ, ମୁନି ରାଉତ, ରାଧା ନାଏକ, ହେମଲତା ମାଝୀ ପ୍ରମୁଖ ସାମିଲ ଥିଲେ।

**-ସବଡେଗା:** ସବଡେଗା ବ୍ଲକରେ ପାଚିକା ସହାୟିକାମାନେ ଧର୍ମଘଟରେ ସାମିଲ ହୋଇଥିଲେ। ସେମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ନିଜ ନ୍ୟାଯ୍ୟ ଦାବି ହାସଲ ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପାଚିକା ସହାୟିକା ସଂଘ ବ୍ଲକ ସଭାନେତ୍ରୀ ମିନା ନାଗ, ସମ୍ପାଦିକା ଯମୁନା ଶଙ୍କରିଆ, ସେବତୀ ପ୍ରଧାନ, ଲଳିତା ପ୍ରଧାନ, ଅଷ୍ଟମୀ ଭୌଷାଲ ସମେତ ଅନେକ ପାଚିକା କର୍ମୀ ଉପସ୍ଥିତ ଥିଲେ।

**ଲେଫ୍ରିପଡ଼ା:** ଲେଫ୍ରିପଡ଼ା ବ୍ଲକ ପାଚିକା ସହାୟିକା ସଂଘ ସର୍ବଭାରତୀୟ ଧର୍ମଘଟରେ ସାମିଲ ହୋଇଛି। ଏହି ଅବସରରେ ବ୍ଲକ ସମ୍ମୁଖରେ ପାଚିକାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ସଂଘର ବ୍ଲକ ସଭାନେତ୍ରୀ ଗୀତା ସା, ସମ୍ପାଦିକା ସୂର୍ଯ୍ୟ ବେହେରା, ତାରା ବିରଗଣ୍ଡିଆ, ଭୂତେଶ୍ୱରୀ ପଟେଲ, ସରିତା କୁଜୁର ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।












